# Akashvani, Sambalpur

## SAMBALPURI NEWS BULLETIN

### 25 July 2025- 6.47- 6.52 am.

*********************************************

ଓଡ଼ିଶା ଟେକ୍ସ ସମ୍ମିଳନୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ପହେଲା ଓଡ଼ିଶା ଟେକ୍ସ -୨୦୨୫ ସମ୍ମିଳନୀ ହେବା । ଲୋକ୍‌ସେବା ଭବନ୍ ଠାନେ ହେବାର୍‌କେ ଥିବା ସମ୍ମିଳନୀକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ସମ୍ମିଳନୀଥି ଭିନ୍ ଭିନ୍ କପ୍‌ଡ଼ା, ପୋଷାକ, ଆନୁସଙ୍ଗିକ ଶିଳ୍ପ କ୍ଷେତ୍ରର୍ ୩ ଶହ ନୁ ଅଏତ୍‌କା ନିବେଶକ୍ ଯୋଗ୍ ଦେବେ । ଇ ଅବ୍‌ସରେ ରାଜ୍ୟ ସର୍‌କାର୍ ଆଉ ଶିଳ୍ପ ସଂସ୍ଥାମାନ୍‌କର୍ ଭିତ୍‌ରେ ୧୦ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲାଗି ବହୁତ୍‌ଟେ ରାଜିନାମା ସ୍ୱାକ୍ଷର୍ ହେବାର୍ କାର୍ଯ୍ୟସୂଚୀ ରହିଛେ । ସମ୍ବଲ୍‌ପୁର୍, ବଲାଙ୍ଗିର୍ ସହେତେ ରାଜ୍ୟର୍ ୬ ଟା ଜାଗା ନ ବୟନ ଶିଳ୍ପ ପାର୍କ ଥାପ୍‌ନା କରାଯିବା । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍,

(ଭଏସ୍ ଓଭର୍- ଶିଳ୍ପମନ୍ତ୍ରୀ)

୨୦୩୦ ମସିହାତକ୍ ଓଡ଼ିଶାକେ ଦେଶର୍ ବୟନଶିଳ୍ପ ରାଜ୍‌ଧାନୀ କର୍‌ବାର୍ ଲକ୍ଷ୍ୟ ଦିଗେ ଇତାକେ ଗୁଟେ ବଡ଼୍ ପଦକ୍ଷେପ୍  ଭାବେ ଦେଖାଯାଉଛେ ।

ସିଙ୍ଗିଲ୍ ୱିଣ୍ଡୋ ବୈଠକ୍                    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଶହେ ୩୮ ନମ୍ବର୍ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ - ଏସ୍.ଏଲ୍.ଏସ୍.ଡବ୍ଲୁ.ସି.ଏ. ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୪ ହଜାର୍ ୯ ଶହ ୮୨ କୋଟିନୁ ଅଏତ୍‌କା ଟଙ୍କାର୍ ୨୩ ଟା ନୂଆଁ ପୁଞ୍ଜିନିବେଶ୍ ପ୍ରସ୍ତାବ୍‌କେ ମଞ୍ଜୁର୍ କରାଯାଇଛେ । ଇ ପ୍ରକଳ୍ପମାନ୍ କାର୍ଯ୍ୟକାରୀ ହେଲେ ରାଜ୍ୟର୍ ୧୨ ଟା ଜିଲ୍ଲା ନ ୧୧ ହଜାର୍ ୯ ଶହ ୩୩ ନୂଆଁ ନିଯୁକ୍ତି ସୃଷ୍ଟି କର୍‌ବା । ମଞ୍ଜୁରୀ ପାଇଥିବା ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ କପ୍‌ଡ଼ା, ଇସ୍ପାତ୍ ଆଉ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ, ଖାଦ୍ୟ ଆଉ ପାନୀୟ, ରସାୟନ, ଔଷଧ, ବିଦ୍ୟୁତ୍ ଆଉ ଅକ୍ଷୟଶକ୍ତି, ପର୍ଯ୍ୟଟନ୍ ଆଉ ମହାକାଶ୍ ପ୍ରତିରକ୍ଷା ବାଗିର୍ କ୍ଷେତ୍ର ରହିଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଅଶୋକ୍ ନଗର୍ ଇଲାକା ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଠାନେ ୨୮ ତାରିଖ୍ ସୋମ୍‌ବାର୍ ଦିନ ଜନଶୁଣାଣି ହେବା । ସଖାଲର୍ ୮ ବଜେନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଇଥିର୍‌ଲାଗି ଆଏଜ୍‌ଠାନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଇଥି ସବୁନୁ ଜହ ହଜାରେ ଝନ୍ ପଞ୍ଜିକରଣ୍ କରିପାର୍‌ବେ । www.janasunani.odisha.gov.in ଥି ଆବେଦନ୍ କରାଯାଇପାର୍‌ବା ।

ଓଡ଼ିଆ ଭାଷା ଯୁକ୍ତ ଦୁଇ ବିଜ୍ଞାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନସାରେ ତିଆର୍ ହେଇଥିବା ଓଡ଼ିଆ ଭାଷାର୍ ଯୁକ୍ତ ଦୁଇ ବିଜ୍ଞାନ୍ ବହି ଗଲାକାଏଲ୍ ଲୋକାର୍ପିତ୍ ହେଇଛେ । ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରମାଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାନେ ଇ ବହି ଉନ୍ମୋଚନ୍ କରିଛନ୍ । ଇ ବହିଥି ଓଡ଼ିଶାର୍ ବିକାଶ୍ ଲାଗି ଓଡ଼ିଆର୍ ଗୁରୁତ୍ୱ ରହିଛେ ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ । ଖୋବ୍ ଜଲ୍‌ଦି ଓଡ଼ିଆ ଭାଷାଥି ବୈଷୟିକ ଶିକ୍ଷାର୍ ବହିମାନେ ଭିଲ୍ ତିଆର୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ଆଇ.ଏ.ଏସ୍. ଅଦଲ୍‌ବଦଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଭାରତୀୟ ପ୍ରଶାସନିକ ସେବା ଆଇ.ଏ.ଏସ୍.ସ୍ତର୍‌ଥି ଫେର୍ ଅଦଲ୍‌ବଦଲ୍ କରିଛନ୍ । ୧୩ ଝନ୍ ଆଇଏଏସ୍‌ଙ୍କୁ ନୂଆଁ ଦାୟିତ୍ୱ ଦିଆଯାଇଛେ । ରାଜେଶ୍ ପାଟିଲ୍‌ଙ୍କ ସମବାୟ ସଚିବ ଭାବେ ବଦ୍‌ଲି କରାଯାଇଥିଲା ବେଲେ ସମର୍ଥ ବର୍ମାଙ୍କୁ ଲଘୁ ଖଣିଜ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛେ । ୯ ଝନ୍ ଉପ ଜିଲ୍ଲାପାଲ୍‌ଙ୍କୁ ଭିଲ୍ ରାଜ୍ୟ ସର୍‌କାର୍ ବଦ୍‌ଲି କରିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ ‘ନ୍ୟୁଜ୍ ଅନ୍ ଏଆଇଆର୍’ ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍,

ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ଚଡ଼କ୍ ମାରିକରି ୨ ଝନ୍ ମୃତ                    ଆର୍ଏନ୍ୟୁ/ ସମ୍ବଲପୁର

ଝାର୍ସୁଗୁଡ଼ା ଜିଲ୍ଲା ନ ଗଲାକାଏଲ୍ ଚଡ଼କ୍ ମାରିକରି ମା', ପୁଓଙ୍କର୍ ଜୀବନ୍ ଯାଇଥିବାର୍ ବେଲ୍କେ ବାପା ଗୁରୁତର୍ ହେଇଛନ୍ । ସୂଚ୍ନା ଅନ୍ସାରେ ଝାର୍ସୁଗୁଡ଼ା ସହରର୍ ସିରିଆବଗିଚା ଇଲାକାର୍ ଇ ପରିବାର୍ ବୁଲି ଯାଇଥିଲା ବେଲେ ବର୍ଷା ହେବାର୍ନୁ ଗୁଟେ ଦୁକାନେ ଆଶ୍ରା ନେଇଥିଲେ । ଇ ସମିଆଥି ଚଡ଼କ୍ ମାରିକରି ତିନ୍ହି ଝନ ଟଲିପଡ଼ିଥିଲେ । ଡାକ୍ତର୍ ମା' ପୁଓଙ୍କୁ ମୃତ ଘୋଷ୍ନା କରିଥିଲା ବେଲେ ବାପାଙ୍କର୍ ଅବସ୍ଥା ଗୁରୁତର ରହିଛେ ।

ରାସନ୍କାର୍ଡ଼- ଗହମ୍                ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲାର୍ ରାସନ୍‌କାର୍ଡ଼ ହିତାଧିକାରୀମାନେ ଚାଉଲ୍ ସାଙ୍ଗେ ଗହମ୍ ଭିଲ୍ ପାଇପାର୍‌ବେ । ଇଥିର୍‌ଲାଗି ଜିଲ୍ଲାକେ ୫ ଶହ ୯୭ କ୍ୱିଂଟାଲ୍‌ନୁ ଅଏତ୍‌କା ଗହମ୍ ଯୁଗେଇ ଦିଆଯାଇଛେ । ଆଏବା ମାସେ ଇଟାକେ ଭିନ୍ ଭିନ୍ ବିତରଣ କେନ୍ଦ୍ରମାନ୍‌କୁ ପଠାଯିବା ବଲି ଜିଲ୍ଲା ଯୋଗାଣ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର୍‌ନ ବନିଥିବା ଘୂର୍ଣ୍ଣିବଳୟ ଲଘୁଚାପ୍‌ଥି ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୩ ଦିନ୍‌ତକ୍ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ବାଲେଶ୍ୱର୍, ଭଦ୍ରକ୍, ମୟୁର୍‌ଭଞ୍ଜ୍ ଆଉ କେନ୍ଦୁଝର୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ ବଲି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।